# ତ୍ୟାଗର ଫଳ ଭୋକ


ମେସ୍କୋ ଷ୍ଟିଲ୍ କାରଖାନାର କର୍ମଚାରୀମାନେ ଏକତ୍ରିତ ହୋଇଛନ୍ତି।

**ଯାଜପୁର,୮।୧୨(ହର୍ଷବର୍ଦ୍ଧନ ବେହେରା)**

- ଦୁର୍ଦ୍ଦିନରେ ୧୬୬ ବିସ୍ଥାପିତ ପରିବାର
- ରେଲୱେ ସାଇଡିଂ ଚାଲିଛି, ଦରମା ମିଳୁନି
- ୪ ବର୍ଷ ହେଲା ମେସ୍କୋ ଷ୍ଟିଲ କାରଖାନା ବନ୍ଦ

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ମେସ୍କୋ ଷ୍ଟିଲ କାରଖାନା ପ୍ରତିଷ୍ଠା ପାଇଁ ୧୬୬ ପରିବାରଙ୍କ ତ୍ୟାଗର ଫଳ ଭୋକ ଉପାସ ହୋଇଛି। ସ୍ଥାନୀୟ ନିଯୁକ୍ତି ଏବଂ ଆର୍ଥିକ ଅଭିବୃଦ୍ଧି ଆଶାରେ ରାଜ୍ୟରେ ଦ୍ରୁତ ଶିଳ୍ପାୟନକୁ ସରକାର ପ୍ରୋତ୍ସାହନ ଯୋଗାଉଥିବାବେଳେ ମେସ୍କୋ ଷ୍ଟିଲ କାରଖାନାରେ ଏହାର ଓଲଟା ଦେଖିବାକୁ ମିଳିଛି। ୪ ବର୍ଷ ହେବ ବନ୍ଦ ପଡ଼ିଥିବା ଏହି କାରଖାନାକୁ ପୁନଃ କାର୍ଯ୍ୟକ୍ଷମ କରିବା ପରିବର୍ତ୍ତେ ସେହି ପରିସରରେ ରେଲୱେ ସାଇଡିଂ ଚଳାଇ ମାଲିକ ମାଲାମାଲ ହେଉଛନ୍ତି। ଏହାସହ କାରଖାନା ଭିତରେ ରାସ୍ତା ନିର୍ମାଣ କରି ବିଆରପିଏଲ୍‌କୁ କଞ୍ଚାମାଲ ପରିବହନ ହେଉଛି। ଏହି ମର୍ମରେ ମେସ୍କୋ କର୍ମଚାରୀମାନେ ଶୁକ୍ରବାର ଏକ ବୈଠକ କରି ତୁରନ୍ତ କାରଖାନାକୁ କାର୍ଯ୍ୟକ୍ଷମ କରା ନ ଗଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

କଳିଙ୍ଗନଗର ମେସ୍କୋ ଷ୍ଟିଲ କାରଖାନା ପାଇଁ ୫୩୦.୬୮ ଏକର ଜମି ଅଧିଗ୍ରହଣ ହୋଇଥିଲା। ଏଥିରେ ୧୦୨.୫୩ ଏକର ସରକାରୀ ଏବଂ ୪୨୮.୧୫ ଏକର ବେସରକାରୀ ଜମି ରହିଥିଲା। ଏଥିପାଇଁ ଧୂଳିଗଡ, ସିଆରିଆ ଏବଂ ଖୁରୁଣ୍ଟି ଗ୍ରାମର ୧୬୬ ପରିବାର ବିସ୍ଥାପିତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୧୯ ଜଣଙ୍କୁ ସ୍ଥାୟୀ ନିଯୁକ୍ତି ମିଳିଥିଲା। ବାକି ବିସ୍ଥାପିତମାନଙ୍କୁ ଆର୍ଥିକ ସହାୟତା ଦିଆଯାଇଥିଲା। ସୂଚନା ଅନୁସାରେ ଯୋଡ଼ା ଅଞ୍ଚଳରୁ ଖଣି ଚୋରି ଅଭିଯୋଗରେ ଶାହା କମିଶନଙ୍କ ରିପୋର୍ଟ ଆଧାରରେ ମେସ୍କୋ ଷ୍ଟିଲକୁ ପ୍ରାୟ ୯୦୦ କୋଟି ଟଙ୍କାର ଜରିମାନା କରାଯାଇଛି। ଏହାସହ ଯୋଡ଼ା ଅଞ୍ଚଳରେ ଥିବା ୨ଟି ଖଣି ମେସ୍କୋଠାରୁ ପ୍ରତ୍ୟାହାର କରାଯାଇଛି। ଏପରିସ୍ଥିତିରେ ମେସ୍କୋ ଜରିମାନା ନ ଦେଇ ୨୦୧୯ ଡିସେମ୍ବରରୁ କାରଖାନାକୁ ବନ୍ଦ କରି ଦେଇଛି। ଏଭଳି ସ୍ଥିତିରେ ମେସ୍କୋ କର୍ମଚାରୀ ଏବଂ ଶ୍ରମିକଙ୍କ ଘରେ ଚୁଲି ଜଳୁନାହିଁ। ଏନେଇ ଜିଲା ପ୍ରଶାସନଠାରୁ ଆରମ୍ଭ କରି ସରକାର ଏବଂ କୋର୍ଟକଚେରି ପର୍ଯ୍ୟନ୍ତ ଦ୍ୱାରସ୍ଥ ହୋଇଥିଲେ ହେଁ କର୍ମଚାରୀ ଓ ଶ୍ରମିକମାନେ କୌଣସି ସଫଳତା ପାଇନାହାନ୍ତି। ସ୍ଥାନୀୟ ନେତୃବର୍ଗ ମଧ୍ୟ ମୁହଁ ଖୋଲୁନାହାନ୍ତି। ଜମି, ଜଙ୍ଗଲ, ଜଳ ହରାଇଥିବା ବିସ୍ଥାପିତ ପରିବାରଙ୍କୁ କିଏ ଥଇଥାନ କରିବ ବୋଲି ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷରେ ମେସ୍କୋ ଷ୍ଟିଲ କର୍ତ୍ତୃପକ୍ଷ କଳେବଳେ କୌଶଳେ ରେଲୱେ ସାଇଡିଂ କାର୍ଯ୍ୟକ୍ଷମ କରି ମାସିକ ପାଖାପାଖି ୨ କୋଟି ଟଙ୍କାର ଲାଭବାନ ହେଉଥିବାବେଳେ ବିସ୍ଥାପିତ ପରିବାର ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ରେଳ ସାଇଡିଂ ଚାଲୁ ହେଲେ କର୍ମଚାରୀମାନଙ୍କୁ ନିୟମିତ ଭାବେ ଦରମା ମିଳିବ ବୋଲି ସ୍ଥାନୀୟ ପ୍ରଶାସନର ଉପସ୍ଥିତିରେ କମ୍ପାନୀ କର୍ତ୍ତୃପକ୍ଷ ଚୁକ୍ତିନାମା ସ୍ୱାକ୍ଷରିତ କରିଥିଲେ। ହେଲେ କର୍ମଚାରୀ ଏବଂ ଶ୍ରମିକମାନଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ଠକୁଥିବା ଅଭିଯୋଗ ହେଉଛି। ତେଣୁ ୪ ବର୍ଷର ବକେୟା ଦରମା ଓ ଇପିଏଫ୍ ପ୍ରଦାନ କରିବା ସହ ଦରମା ନ ମିଳିବା ପର୍ଯ୍ୟନ୍ତ ରେଳ ସାଇଡିଂକୁ ବନ୍ଦ ରଖାଯାଉ ବୋଲି କର୍ମଚାରୀମାନେ ଦାବି କରିଛନ୍ତି। ଅନ୍ୟପକ୍ଷେ ଏହି ରେଲୱେ ସାଇଡିଂରୁ ବିଭିନ୍ନ ସିମେଣ୍ଟ ଓ ଷ୍ଟିଲ କାରଖାନାକୁ ଫ୍ଲାଏ ଆଶ୍, ସ୍ଲାଗ, କ୍ଲିଙ୍କର, କୋଲ, ଜିପସମ୍ ଆଦି ପରିବହନ ହେଉଥିବାରୁ ମାନପୁର ବ୍ରିଜ ଅଞ୍ଚଳ ବାୟୁ ପ୍ରଦୂଷଣରେ ଉତ୍କଟ ହୋଇଛି। ସେହି ବାଟେ ଯାଉଥିବା ଦୈନିକ ଲକ୍ଷାଧିକ ଲୋକ ବାୟୁ ପ୍ରଦୂଷଣରେ ଅଣନିଃଶ୍ୱାସୀ ହେଉଥିବା ଅଭିଯୋଗ କରାଯାଉଥିଲେ ବି କିଛି ସୁଫଳ ମିଳି ପାରୁନାହିଁ। ତେଣୁ ମେସ୍କୋ ଷ୍ଟିଲ କର୍ମଚାରୀମାନେ ବୈଠକ କରି ରାଜ୍ୟ ସରକାର ଯଦି ଚାହାନ୍ତେ ଏହି କାରଖାନା ପୁଣି କାର୍ଯ୍ୟକ୍ଷମ ହୋଇପାରନ୍ତା ବୋଲି ମତ ପ୍ରକାଶ କରିଛନ୍ତି।

## ୧୨ ରାସ୍ତା ପାଇଁ ଶିଳାନ୍ୟାସ


ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ନେଉଳପୁର-ହରିଦାସପୁର ରାସ୍ତାର ଶିଳାନ୍ୟାସ କରୁଛନ୍ତି।

**ଧର୍ମଶାଳା/ରସୁଲପୁର/କାଏମା, ୮।୧୨ (ବଟକୃଷ୍ଣ ପରିଡ଼ା/ରଞ୍ଜିତ ରାଉତ/ ଶିବପ୍ରସାଦ ମହାନ୍ତି)**

ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ୧୬୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟର ଶୁକ୍ରବାର ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଦ୍ୱାରା ଶିଳାନ୍ୟାସ ହୋଇଛି। ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ବାଚନ ମଣ୍ଡଳୀର ୧୨ଟି ସ୍ଥାନରେ ବିଭିନ୍ନ ରାସ୍ତାର ଶିଳାନ୍ୟାସ କରିଥିଲେ । ପାଣିକୋଇଲି ପୂର୍ତ୍ତ ବିଭାଗ ଦ୍ୱାରା ନେଉଳପୁର-ହରିଦାସପୁର ରାସ୍ତା ପାଇଁ ୨୨କୋଟି ୩୯ଲକ୍ଷ, ବେଦପୁର-ଜନକ ରାସ୍ତା ପାଇଁ ୨୨କୋଟି ୨୦ଲକ୍ଷ, ଧର୍ମଶାଳା-କାଏମା ରାସ୍ତା ପାଇଁ୧୮କୋଟି ୪୨ଲକ୍ଷ, କୁଆଖିଆ-ଜେନାପୁର ରାସ୍ତା ପାଇଁ ୧୮କୋଟି ୨୯ଲକ୍ଷ, ଧର୍ମଶାଳା-କବାଟବନ୍ଧ ରାସ୍ତା ପାଇଁ ୧୭କୋଟି ୪୦ଲକ୍ଷ, ବଡକାଏମା-ନରସିଂହପୁର ରାସ୍ତା ପାଇଁ ୧୫କୋଟି ୧୭ଲକ୍ଷ, ଧର୍ମଶାଳା ବାଇପାସ ରାସ୍ତା ପାଇଁ ୧୪କୋଟି ୬୪ଲକ୍ଷ, କେ.ଜି.ବିଡିବି ରାସ୍ତା ୯କୋଟି ୯୫ଲକ୍ଷ, କବାଟବନ୍ଧ-ମଞ୍ଜୁରୀପଡା ରାସ୍ତା ପାଇଁ ୮କୋଟି ୭୬ଲକ୍ଷ, ବାରବାଟୀ-ସିଂହପୁର ରାସ୍ତା ପାଇଁ୭କୋଟି ୬୬ଲକ୍ଷ, ନାକପୋଲ-ମାଣ୍ଡିଆ ରାସ୍ତା ପାଇଁ ୩କୋଟି ୯୮ଲକ୍ଷ ଏବଂ ନେଉଳପୁର-ହରିଦାସପୁର ରାସ୍ତା ପାଇଁ ୨କୋଟି ୯୧ଲକ୍ଷ ଟଙ୍କା ମୋଟ ୧୨ଗୋଟି ରାସ୍ତାର ପ୍ରଶସ୍ତିକରଣ ଓ ଫୋରଲାଇନ ପାଇଁ ବିଧାୟକ ବଳବନ୍ତରାୟ ଶିଳାନ୍ୟାସ କରିଛନ୍ତି। ବିଭିନ୍ନ ସ୍ଥାନରେ ଆୟୋଜିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ ରାଉତ, ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ସ୍ମୃତିରେଖା ବେହେରା, ଯୁବ ସଙ୍ଗଠକ ଅକ୍ଷୟ ନାୟକ, ଶରତ ନାୟକ,ପ୍ରତପ ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ, ସରପଞ୍ଚ, ସମିତିସଭ୍ୟା,ସଭ୍ୟ ଉପସ୍ଥିତ ଥିଲେ ।

## ଠିକା ଶ୍ରମିକଙ୍କ ପାଇଁ ମେଗା ସ୍ୱାସ୍ଥ୍ୟ ଶିବିର

**କଳିଙ୍ଗନଗର,୮।୧୨(ଶୁଭାଶିଷ ରାଉତ)**

କଳିଙ୍ଗନଗରସ୍ଥିତ ଟାଟା ଷ୍ଟିଲ ପକ୍ଷରୁ (ଟିଏସ୍କେ)ର ୟୁଟିଲିଟି ଆଣ୍ଡ ପାୱାର ସିଷ୍ଟମ ବିଭାଗରେ ଠିକା ଶ୍ରମିକଙ୍କ ପାଇଁ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଟିଏସ୍କେର ଏଗ୍ଲୋମେରେଟ୍ସ ବିଭାଗର ମୁଖ୍ୟ ୱାଇଜିଏସ୍ ପ୍ରସାଦ, ଟିଏସ୍କେର ଏଚ୍‌ଆର୍‌ବିପି ବିଭାଗର ମୁଖ୍ୟ ଯଶୱନ୍ତ ପାଣ୍ଡେ, ଟିଏସ୍କେର ୟୁଟିଲିଟି ଆଣ୍ଡ ପିଏସ୍ ବିଭାଗର ମୁଖ୍ୟ ପ୍ରଦୀପ ଚକ୍ରବର୍ତ୍ତୀ ଏବଂ ଟିଏସ୍କେ ୱାର୍କର୍ସ ୟୁନିୟନର ସଭାପତି ରବୀନ୍ଦ୍ର ଜାମୁଦା ମିଳିତ ଭାବେ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟିଏସ୍କେ ଓ ଟିଏସ୍କେ ଶ୍ରମିକ ସଂଘର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।ଟାଟା ଷ୍ଟିଲ କଳିଙ୍ଗନଗରର ୟୁଟିଲିଟି ଆଣ୍ଡ ପିଏସ୍ ବିଭାଗ ସହଯୋଗରେ ଅକ୍ୟୁପେସନାଲ ହେଲଥ ସର୍ଭିସେସ (ଓଏଚ୍‌ଏସ୍), ଟିଏସ୍କେ ପକ୍ଷରୁ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ୨୨୦ରୁ ଅଧିକ ଠିକା କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏହି ଶିବିରରେ ଡାକ୍ତରୀ ବୃତ୍ତିଜୀବୀଙ୍କ ସହ ପରାମର୍ଶ, ରୋଗ ନିର୍ଣ୍ଣୟ ଏବଂ ଜୀବନଶୈଳୀ ସଂଶୋଧନ ପରାମର୍ଶ ସହିତ ପ୍ରତିଶୋଧକ ସ୍ୱାସ୍ଥ୍ୟସେବା ଉପରେ ସୂଚନାମୂଳକ ଅଧିବେଶନ ଅନୁଷ୍ଠିତ ହୋଇଥିଲା ।

## ଭାଲୁପୋଡ଼ା ଯାତ୍ରା ଆରମ୍ଭ

**ଛତିଆ,୮।୧୨(ସୌମ୍ୟ ରଞ୍ଜନ ସାହୁ)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆଠାରେ ଅନୁଷ୍ଠିତ ହେଉଥିବା ପ୍ରସିଦ୍ଧ ଭାଲୁପୋଡ଼ା ଯାତ୍ରାର ପ୍ରଥମ ଦିନ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ଏହି ଯାତ୍ରା ଅବସରରେ ପ୍ରଥମେ ଥାନପତି ମେଢ଼ ବାହାରି ଯାତ୍ରା ପଡ଼ିଆରେ ପହଞ୍ଚିବା ପରେ ପ୍ରଶାସନ ଦ୍ୱାରା ଧାର୍ଯ୍ୟ ସମୟାନୁସାରେ ମେଢ଼ଗୁଡ଼ିକ ଶାନ୍ତିଶୃଙ୍ଖଳାର ସହ ବିଭିନ୍ନ ରାଜ୍ୟରୁ ଆସିଥିବା ବାଦ୍ୟର ତାଳେ ତାଳେ ଶୋଭାଯାତ୍ରାରେ ବାହାରି ଥିଲେ। ଏହି ଭାଲୁପୋଡ଼ା ଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା ଦେବୀ ସାହି ପୂଜାକମିଟି ପକ୍ଷରୁ ହରିୟାଣାରୁ ଆସିଥିବା ଅଘୋରୀ ନୃତ୍ୟ। ଏହାବ୍ୟତୀତ ଚାନ୍ଦିଆ ସାହି ପୂଜା କମିଟିର ବରଗ ଆଦିବାସୀ ନୃତ୍ୟ ଓ ଗୌରୀଶଙ୍କର ମୟୂର ନାଚ ସାଙ୍ଗକୁ ବିଭିନ୍ନ ପ୍ରକାର ରଙ୍ଗ ବେରଙ୍ଗ ଲାଇଟ ଗେଟ୍ ଏହି ଯାତ୍ରାକୁ ଆହୁରି ଆକର୍ଷଣୀୟ କରିଥିଲା। ଅନ୍ୟପକ୍ଷେ ସୋଲର କୋଟିଲାଖାଇ ପୂଜାକମିଟି ଦ୍ୱାରା ଆୟୋଜିତ ମେଲୋଡି ଓ ଆତସବାଜି କାର୍ଯ୍ୟକ୍ରମକୁ ଲୋକମାନେ ମନଭରି ଉପଭୋଗ କରିଥିଲେ।

## ବକେୟା ପ୍ରାପ୍ୟ ପ୍ରଦାନରେ ବିଳମ୍ବ

**ବଡଚଣା,୮।୧୨(ଦିଲ୍ଲୀପ କୁମାର ମହାନ୍ତି)**

**ବଡ଼ଚଣା ରିଟେଲର୍ ସଂଘ ପକ୍ଷରୁ ପ୍ରତିବାଦ**

ଯାଜପୁର ଜିଲା ବଡଚଣା ରିଟେଲର ସଂଘ କର୍ମକର୍ତ୍ତାମାନେ ବକେୟା ପାଉଣା ଦାବିରେ କଳାବ୍ୟାଚ୍ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଖାଉଟି ସାମଗ୍ରୀକୁ ରିଟେଲରମାନେ ସୁଚାର ରୁପେ ବଣ୍ଟନ କରି ଆସୁଥିଲେ ମଧ ଏ ବାବଦକୁ ରିଟେଲରମାନଙ୍କ ବକେୟା ପାଉଣା ମିଳୁନାହିଁ । ଏହାକୁ ନେଇ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା । କେନ୍ଦ୍ର ସରକାର ବକେୟା ଅର୍ଥରାଶି ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ ମଧ୍ୟ ରାଜ୍ୟ ସରକାର ବକେୟା ପ୍ରାପ୍ୟ ନ ଦେଇ ବିଳମ୍ବ କରୁଥିବା ରିଟେଲର ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ବଡଚଣା ବ୍ଲକ ରିଟେଲର ସଂଘ ପକ୍ଷରୁ ଚଣ୍ଡିଖୋଲସ୍ଥିତ ବରିଷ୍ଟ ନାଗରକି ମଞ୍ଚ କାର୍ଯ୍ୟାଳୟଠାରେ ଆୟୋଜିତ ବୈଠକରେ କଳାବ୍ୟାଚ୍ ପିନ୍ଧି ଏହାର ପ୍ରତିବାଦ କରିଥିଲେ । ତୁରନ୍ତ ଏହାର ସମାଧାନ ନ ହେଲେ ୨୦୨୪ ଜାନୁୟାରୀ ୧ ରୁ ଖାଉଟି ସାମଗ୍ରୀ ବଣ୍ଟନ ବନ୍ଦ କରିବା ସହ ଜାନୁୟାରୀ ୧୬ରେ ସର୍ବଭାରତୀୟ ସଂଘର ନିଷ୍ପତ୍ତି ଅନୁସାରେ ରିଟେଲରମାନେ ନୂଆଦିଲ୍ଲୀସ୍ଥିତ ସଂସଦ ଭବନ ନିକଟରେ ଧାରଣା ଦେବେ ବୋଲି ଘୋଷଣା କରାଯାଇଛି ।

## ଟାଟା ଷ୍ଟିଲ୍ ପକ୍ଷରୁ ପକ୍ଷୀଙ୍କ ସୁରକ୍ଷା, ସଂରକ୍ଷଣ ନେଇ ସଚେତନତା



ପକ୍ଷୀ ନିରୀକ୍ଷଣ କାର୍ଯ୍ୟକ୍ରମରେ ଜୈବ ବିବିଧତା ବିଶେଷଜ୍ଞ ଡ. ଜଷ୍ଟସ ଜୋସୁଆ ଏବଂ ତାଙ୍କ ଟିମ୍ ।

**କାଳିଆପାଣି,୮।୧୨(ଅସିତ ମହାନ୍ତ)**

ଜୈବ ବିବିଧତା ଓ ପରିବେଶ ସୁରକ୍ଷା ସଚେତନତା କରିବା ଦିଗରେ ଆଉ ଏକ ପଦକ୍ଷେପ ଗ୍ରହଣ କରିଛି ଟାଟା ଷ୍ଟିଲ୍ ଫେରୋ ଆଲଏଜ ଆଣ୍ଡ ମିନେରାଲ୍ସ ଡିଭିଜନ ପକ୍ଷରୁ ଯାଜପୁର ଜିଲା ଅନ୍ତର୍ଗତ ସୁକିନ୍ଦା କ୍ରୋମାଇଟ ଖଣି ପରିସରରେ ଏକ ପକ୍ଷୀ ନିରୀକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବରିଷ୍ଠ ବୈଜ୍ଞାନିକ ତଥା ଜୈବ ବିବିଧତା ବିଶେଷଜ୍ଞ ଡ. ଜଷ୍ଟସ ଜୋସୁଆ ଏବଂ ତାଙ୍କ ଟିମ୍ ସଦସ୍ୟ ଜ୍ୟୋତି କଶ୍ୟପ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଡ. ଜୋସୁଆ ଚଢ଼େଇମାନଙ୍କ ଜୀବନ ଚକ୍ର, ପ୍ରବାସ ଢାଞ୍ଚା ଏବଂ ସ୍ଥାନାନ୍ତର ପଦ୍ଧତି ବିଷୟରେ ପକ୍ଷୀପ୍ରେମୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ଉପସ୍ଥିତ ଲୋକଙ୍କୁ ଚଢ଼େଇ ଦେଖିବାର ଭଲ ଅନୁଭୂତି ଦେବା ପାଇଁ ଦୂରବୀକ୍ଷଣ ଯନ୍ତ୍ର ଯୋଗାଇ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ପକ୍ଷରୁ ପକ୍ଷୀ ବିଜ୍ଞାନୀ ଏବଂ ପ୍ରକୃତିପ୍ରେମୀମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସେମାନେ ଏହି ଅଞ୍ଚଳର ବିଭିନ୍ନ ପକ୍ଷୀ ପ୍ରଜାତି ବିଷୟରେ ସୂଚନା ପ୍ରଦାନ କରିବା ସହିତ ପରିବେଶ ସଂରକ୍ଷଣର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିଥଲେ । ଟାଟାଷ୍ଟିଲ୍‌ର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପଙ୍କଜ ସତିଜା କହିଛନ୍ତି, ପକ୍ଷୀ ନିରୀକ୍ଷଣ ଭଳି କାର୍ଯ୍ୟକ୍ରମ ଦ୍ୱାରା ଜୈବ ବିବିଧତା ଏବଂ ପରିବେଶ ସଂରକ୍ଷଣକୁ ପ୍ରୋତ୍ସାହନ ଦେବା ପାଇଁ ଆମେ ସର୍ବଦା ଚେଷ୍ଟା କରି ଆସୁଛୁ। ଏଭଳି କାର୍ଯ୍ୟକ୍ରମ ପ୍ରକୃତି ସହ ଆମର ସମ୍ପର୍କକୁ ଆହୁରି ଗଭୀର କରିବାରେ ସହାୟକ ହେବ ଏବଂ ଆଗାମୀ ପିଢ଼ି ପାଇଁ ଏକ ଦୀର୍ଘସ୍ଥାୟୀ ଭବିଷ୍ୟତ ସୁନିଶ୍ଚିତ କରିବ। ଟାଟାଷ୍ଟିଲ ଏହାର କାର୍ଯ୍ୟରେ ଦୀର୍ଘସ୍ଥାୟୀ ଅଭ୍ୟାସକୁ ସମନ୍ୱିତ କରିବା ଏବଂ ପରିବେଶ ଦାୟିତ୍ୱବୋଧ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଜାରି ରଖିଆସିଛି। ସ୍ଥାନୀୟ ପରିବେଶ ବ୍ୟବସ୍ଥା ଏବଂ ସମ୍ପ୍ରଦାୟର କଲ୍ୟାଣରେ ଯୋଗଦାନ କରିବା ପାଇଁ କମ୍ପାନୀ ହାତକୁ ନେଉଥିବା ଅନେକ ପଦକ୍ଷେପ ମଧ୍ୟରୁ ପକ୍ଷୀ ନିରୀକ୍ଷଣ କାର୍ଯ୍ୟକ୍ରମ ଅନ୍ୟତମ। ଏହି ପକ୍ଷୀ ନିରୀକ୍ଷଣ କାର୍ଯ୍ୟକ୍ରମରେ ବରିଷ୍ଠ ପରିଚାଳକ ଶମ୍ଭୁନାଥ ଝା ସହ ବହୁ ଅଧିକାରୀ ସାମିଲ ଥିଲେ ।

## ଗୋରୁ ବୋଝେଇ ପିକ୍‌ଅପ୍ ଜବତ, ୨ ଗିରଫ

**କଳିଙ୍ଗନଗର,୮।୧୨(ଶୁଭାଶିଷ ରାଉତ)**

ଗୁରୁବାର ରାତିରେ ଏକ ପିକ୍‌ଅପ୍(ନଂ. ଓ ଆର୍ ୨୨-୯୭୬୧)ରେ ୨୫ ଗୋରୁ ଅନ୍ୟତ୍ର ଚାଲାଣ ହେଉଥିଲା । ଯଖପୁରା ପୋଲିସ ସନ୍ଦେହରେ ଗାଡ଼ିକୁ ଅଟକାଇଥିଲା । ପିକ୍‌ଅପ୍ ଯାଞ୍ଚ ସମୟରେ ଗୋରୁମାନଙ୍କୁ ଅତି ଅମାନୁଷିକ ଭାବେ ଗାଡ଼ିରେ ବନ୍ଧାଯାଇ ନିଆଯାଉଥିଲା। ଏହାଦେଖି ପୋଲିସ ସେହି ଗାଡ଼ିକୁ ଜବତ କରିଛି । ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୧୪୧/୨୩) ରୁଜୁ ହୋଇଛି। ଉକ୍ତ ଗାଡ଼ିରେ ଥିବା ଭଦ୍ରକ ଜିଲା ପୁରୁଣା ବଜାର ଅଞ୍ଚଳର ଗୋଲାମ ଖାନ୍ ଓ ଫୁଲ ଖାନ୍‌ଙ୍କୁ ପୋଲିସ ଗିରଫ କରିଛି । ପିକ୍‌ଅପ୍‌ରେ ଥିବା ଗୋରୁମାନଙ୍କୁ ଉଦ୍ଧାର କରାଯାଇଛି ।

## ୨କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ଛତିଆ,୮।୧୨(ସୌମ୍ୟ ରଞ୍ଜନ ସାହୁ)**

ବୈରୀ ପୋଲିସ ଚୋର ଚାଲାଣ ହେଉଥିବା ଗଞ୍ଜେଇ ଜବତ କରିବା ସହିତ ଜଣକୁ ଗିରଫ କରିଛି। ଗିରଫ ବ୍ୟବସାୟୀ ହେଲେ କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ଲାଲବେଗୀ ଗ୍ରାମର ପ୍ରଶାନ୍ତ କୁମାର ବେହେରା। ଏହାକୁ ନେଇ ବୈରୀ ଥାନାରେ ଏକ ମାମଲା(ନଂ.୨୩୪/୨୩) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ଦିନ ପ୍ରାୟ ୧୨ଟା ସମୟରେ ପ୍ରଶାନ୍ତ ଛତିଆ ଅଞ୍ଚଳରୁ ଗଞ୍ଜେଇ ନେଇ ବୁଢାକେନ୍ଦୁଆ ଆଡକୁ ଯାଉଥିଲେ। ଖବର ପାଇ ବୈରୀ ଥାନା ଅଧିକାରୀ ଶରତ ଚନ୍ଦ୍ର ନାୟକ ଷ୍ଟେଟ ବ୍ୟାଙ୍କ ପାଖରେ ଜଗି ରହିଥିଲେ। ଏ ଆସୁଥିବା ବାଇକ୍‌କୁ ଅଟକାଇ ଚେକିଂ କରିବାରୁ ୨ କେଜି ଗଞ୍ଜେଇ ଜବତ କରାଯାଇଥିଲା । ଏହି ଘଟଣାରେ ପ୍ରଶାନ୍ତଙ୍କୁ ଗିରଫ ସହିତ ସେ ବ୍ୟବହାର କରୁଥିବା ବାଇକ୍‌କୁ ଜବତ କରାଯାଇଛି ।

## ଓଡ଼ିଶା ଇତିହାସ କଂଗ୍ରେସର ଜାତୀୟ ସମ୍ମାନ



ଊନବିଂଶ ଶତାବ୍ଦୀରେ ନବଜାଗରଣ ଶୀର୍ଷକ ଏକ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ବଡଚଣା,୮।୧୨(ଦିଲ୍ଲୀପ କୁମାର ମହାନ୍ତି)**

ଶୁକ୍ରବାର ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ନବମାଳତି ସମ୍ମିଳନୀ କକ୍ଷରେ ଓଡ଼ିଶା ଇତିହାସ କଂଗ୍ରେସର ଏକ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି । ଊନବିଂଶ ଶତାବ୍ଦୀରେ ନବଜାଗରଣ ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଇତିହାସ କଂଗ୍ରେସର ସଭାପତି ହରିହର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଦୀର୍ଘ ୨୦୦ ବର୍ଷ ଧରି ଇଂରେଜମାନେ ଆମ ଦେଶକୁ ଶାସନ କରିବା ସହିତ ଦେଶରେ ଅନ୍ଧ ବିଶ୍ୱାସ, କୁସଂସ୍କାର, ଜାତିପ୍ରଥା, ସତୀଦାହ ପ୍ରଥା ସମେତ ବହୁ ବିବାଦୀୟ ବିଷୟମାନ ସୃଷ୍ଟିକରି ଭାରତୀୟମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବାକୁ ଚାହିଁଥିଲେ । ଏହି ସମୟରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ରାଜା ରାମମୋହନ ରାୟ, ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ଆନି ବେସାନ୍ତ, ଭୀମ ଭୋଇ ପ୍ରମୁଖ ସମାଜ ସଂସ୍କାରକମାନେ ଦେଶରେ ପ୍ରଚଳିତ ଅନ୍ଧ ବିଶ୍ୱାସ, କୁସଂସ୍କାର, ସତୀଦାହ ପ୍ରାଥ ଉଚ୍ଛେଦ, ନାରୀ ଶିକ୍ଷାର ପ୍ରଚଳନ,ବାଲ୍ୟ ବିବାହ ନିରୋଧ, ମୂର୍ତ୍ତି ପୂଜାର ବିରୋଧ ଓ ସନାତନ ଧର୍ମର ପ୍ରଚାର ପ୍ରସାର କରିବା ପଇଁ ଭାରତୀୟମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ । ଫଳରେ ଭାରତୀୟମାନଙ୍କ ମଧ୍ୟରେ ଇଂରେଜମାନଙ୍କ ପ୍ରତି ଘୃଣା ଭାବ ସୃଷ୍ଟି ହେବା ସହିତ ଦେଶରୁ ଇଂରେଜ ଶାସନ ଲୋପ କରିବା ପାଇଁ ଭାରତୀୟମାନଙ୍କ ମଧ୍ୟରେ ଆନ୍ଦୋଳନାତ୍ମକ ମନୋଭାବ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ ବୋଲି ଶତପଥୀ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଲେଜ ପରିଚାଳନା କମିଟି ସଭାପତି ବିନାୟକ ପଣ୍ଡା, ଓଡିଶା ଇତିହାସ କଂଗ୍ରେସର ସମ୍ପାଦକ ସୁବାସ ଚନ୍ଦ୍ର ବାରିକ ଭାରତରେ ନବ ଜାଗରଣ ସୃଷ୍ଟି ପାଇଁ ମହାମନୀଷିମାନଙ୍କ ବିଭିନ୍ନ ଉଦ୍ୟମ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ କଲେଜର ଅଧ୍ୟକ୍ଷ ମନୋଜ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ସଲିଳ ରାଜନନ୍ଦନ ମହାନ୍ତି ପ୍ରାରମ୍ଭିକ ସୁଚନା ଦେଇଥିଲେ । ଦ୍ୱିତୀୟ ଅଧିବେଶନରେ ଉଚ୍ଚ ଶିକ୍ଷା ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ଅମୀୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଐତିହାସିକ ଡ. ସୋମା ଚାନ୍ଦ ଊନବିଂଶ ଶତାବ୍ଦୀରେ ଭାରତରେ ନବଜାଗରଣ ଅଭିଜ୍ଞତାର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ଇତିହାସ ବିଭାଗର ପ୍ରାଧ୍ୟାପକ ଅମୀୟ ମହାନ୍ତି, ଅଜୟ କୁମାର ଲେଙ୍କା, ସୁବୋଧ କୁମାର ନାୟକ, ବିଜୟ କୁମାର ପାତ୍ର, ଡ ସୋମା ଚାନ୍ଦ, ରେଣୁବାଳା ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଜାତୀୟ ସମ୍ମାନରେ କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତସିଂପୁର, ଯାଜପୁର, ଢେଙ୍କାନାଳ ଆଦି ବିଭିନ୍ନ କଲେଜର ପ୍ରତିନିଧିମାନେ ଯୋଗଦେଇଥିଲେ । ଏହି ଅବସରରେ କଲେଜର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ, ଦେଶାତ୍ମକ ବୋଧକ ସଂଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ଚଣ୍ଡିଖୋଲ କଲେଜ ଇତିହାସ ମୁଖ୍ୟ ସଲିଳ ରାଜନନ୍ଦନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବିଶ୍ୱଜିତ


@ ଦିଭେଶ


@ ମାମାଲି


@ ନିଖିଳ


@ କୃଷ୍ଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ଖବରକାଗଜ ବିକ୍ରେତାଙ୍କ ପତ୍ନୀ ବିୟୋଗ**

କେନ୍ଦ୍ରାପଡ଼ା, (ଜଗନ୍ନାଥ ଧଳ): କେନ୍ଦ୍ରାପଡ଼ା ସହରର ବରିଷ୍ଠ ଖବରକାଗଜ ବିକ୍ରେତା ଉମ୍ବଧର ସାହୁଙ୍କ ସ୍ତ୍ରୀ ମଞ୍ଜୁଲତାଙ୍କ ଗୁରୁବାର ମୃତ୍ୟୁ ହୋଇଛି। ସେ କିଛିଦିନ ହେବ ଅସୁସ୍ଥତା କାରଣରୁ ଚିକିତ୍ସାଧୀନ ଥିଲେ। କେନ୍ଦ୍ରାପଡ଼ା ବ୍ଲକ ଜମଧର ପଞ୍ଚାୟତ ବଡଗାଁ ଶ୍ମଶାନରେ ତାଙ୍କର ସଂସ୍କାର କରାଯାଇଛି। ମଞ୍ଜୁଲତାଙ୍କ ମୃତ୍ୟୁ ଖବରପାଇ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ବଡଗାଁ ଗ୍ରାମସ୍ଥ ଘରକୁ ଯାଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ପେଟ୍ରୋଲ, ଡିଜେଲର ବେଆଇନ ବିକ୍ରି

## ବଡ଼ପଡ଼ା ଶିଶୁ ମୃତ୍ୟୁ ଘଟଣା ପରେ ପ୍ରଶାସନର ଚେତା ପଶୁନାହିଁ

କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ, ୮।୧୨ (ଜଗନ୍ନାଥ ଧଳ/କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ଟାଙ୍କିରୁ ବେଆଇନ ଭାବେ ବ୍ୟାରେଲ ବ୍ୟାରେଲ ଖୋଲା ପେଟ୍ରୋଲ ବିକ୍ରି ହେଉଛି। ଅତ୍ୟନ୍ତ ଦହନଶୀଳ ଏହି ପେଟ୍ରୋଲ ଓ ଡିଜେଲ ଖୋଲାରେ ଚାଲାଣ ହେଉଥିବାରୁ ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଗୁରୁବାର ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଡ଼ପଡ଼ା ଗ୍ରାମରେ ଖୋଲା ପେଟ୍ରୋଲରେ ଅକସ୍ମାତ୍ ନିଆଁ ଲାଗି ବଡ଼ଧରଣର ଅଗ୍ନିକାଣ୍ଡରେ ଜଣେ ନାବାଳକ ଜୀବନ୍ତ ଦଗ୍ଧ ହେବା ସହ ୩ ଜଣ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ମାତ୍ର ଏହି ଦହନଶୀଳ ଖୋଲା ପେଟ୍ରୋଲ ଚାଲାଣ ଉପରେ ସ୍ଥାନୀୟ ପୋଲିସ ପ୍ରଶାସନର ନିଘା ନ ଥିବା ବେଳେ ଏବେ ବି ଗାଁଗହଳିର ଅଧିକାଂଶ ପାନ ଦୋକାନ, ତେଜରାତି ଦୋକାନରେ ବେଆଇନ ଭାବେ ଶତାଧିକ ଲିଟର ପେଟ୍ରୋଲ, ଡିଜେଲ ଖୋଲାରେ ବିକ୍ରି ହେଉଥିବା ଅଭିଯୋଗ ହୋଇଆସୁଛି। ଆଇନ ଅନୁଯାୟୀ, ପେଟ୍ରୋଲ ପମ୍ପରେ କେବଳ ଗାଡ଼ିଗୁଡ଼ିକରେ ପେଟ୍ରୋଲ, ଡିଜେଲ ବିକ୍ରି ହେବ। ବାହାରକୁ ଜାର୍ କିମ୍ବା ବୋତଲରେ ବିକ୍ରି ପାଇଁ ଦିଆଯିବନାହିଁ। ହେଲେ ଏଠାରେ ଏହାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି।



ପଟ୍ଟାମୁଣ୍ଡାଇରେ ଏକ ଦୋକାନରେ ପେଟ୍ରୋଲ ବିକ୍ରି କରାଯାଉଛି।



ପେଟ୍ରୋଲ ନିଆଁରେ ମୃତ ଶିଶୁଙ୍କ ପରିବାରରେ ଶୋକାକୁଳ ପରିବେଶ।

ସାମାଜିକ କର୍ମୀ ଲକ୍ଷ୍ମୀଧର ବାରିକ କହିଛନ୍ତି, ଗୁରୁବାର ବିବାହ ଉତ୍ସବରେ ବରଯାତ୍ରୀଙ୍କ ବାଇକ୍‌ରେ ପକାଯିବା ପାଇଁ ଆସିଥିବା ଖୋଲା ଦହନଶୀଳ ପେଟ୍ରୋଲରେ ହଠାତ୍ ନିଆଁ ଲାଗିବା ଓ ଏଥିରେ ଜଣେ ୩ ବର୍ଷର ଶିଶୁ ଜୀବନ୍ତ ଦଗ୍ଧ ହେବା ଘଟଣା ବିବାହ ଉତ୍ସବକୁ ଲୁହରେ ଭିଜାଇ ଦେଇଛି। ମାତ୍ର ଏହି ଦହନଶୀଳ ପେଟ୍ରୋଲ ପଟ୍ଟାମୁଣ୍ଡାଇ ସହର ସମେତ ବିଭିନ୍ନ ଗ୍ରାମାଞ୍ଚଳର ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଦୋକାନ ଗୁଡ଼ିକରେ ବେଆଇନ ଭାବେ ବିକ୍ରି ଚାଲିଛି। ପେଟ୍ରୋଲ ଓ ଡିଜେଲ ଖୋଲାରେ ରଖା ଯାଉଥିବା ବେଳେ ସେଠାରେ ସିଗାରେଟ୍ ବିଡ଼ି ଇତ୍ୟାଦି କିଣି ଲୋକେ ଲଗାଉଥିବା ଦେଖାଯାଉଛି। କେତେବେଳେ ଯେ ଦୁର୍ଘଟଣା ନ ଘଟିବ ଏଥିରେ ସନ୍ଦେହ ନାହିଁ। ଏ ଦିଗରେ ଯୋଗାଣ ବିଭାଗ ଚୁପ୍ ବସିଥିବା ବେଳେ ପୋଲିସ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଏସବୁ ସାମଗ୍ରୀର ବିକ୍ରି ନେଇ କେବେବି ବିଭାଗୀୟ କର୍ମଚାରୀ ତଦାରଖ କରୁନାହାନ୍ତି ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଏଭଳି ବ୍ୟବସାୟରେ ଲିପ୍ତ ବ୍ୟବସାୟୀଙ୍କ ଉପରେ ଚଢ଼ାଉ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର। ବୁଦ୍ଧିଜୀବୀ ପ୍ରମୋଦ ସାହୁ, ଶିକ୍ଷାବିତ୍ ପ୍ରଫୁଲ୍ଲ ଦାଶ, ଗାଡ଼ିଚାଳକ ଅଲେଖ ମଲିକ ପ୍ରମୁଖ କହିଛନ୍ତି, ପଟ୍ଟାମୁଣ୍ଡାଇର ବିଭିନ୍ନ ଛକରେ ଥିବା ପାନ ଦୋକାନ, ଅଣ୍ଡା ଦୋକାନ, ହାର୍ଡୱେର ଓ ରାଶନ ଦୋକାନରେ ପେଟ୍ରୋଲିୟମ ପଦାର୍ଥ ବେଧଡ଼କ ଭାବେ ବିକ୍ରି ହେଉଛି। ଖାଲିଥିବା ପାଣି ବୋତଲରେ ଭର୍ତ୍ତି ହୋଇ ଦୋକାନ ଆଗରେ ଟାଙ୍ଗି ବିକ୍ରି କରାଯାଉଛି। ଏଭଳି ବ୍ୟବସାୟୀମାନେ ପେଟ୍ରୋଲ ପମ୍ପରୁ ପେଟ୍ରୋଲ ଆଣିବା ପରେ ଏଥିରେ କିରୋସିନ, ମୋବିଲ ଆଦି ମିଶାଇ ଏହାକୁ ପ୍ରକୃତ ତୈଳ ଦରଠାରୁ ୧୦ରୁ ୨୦ ଟଙ୍କା ଅତିରିକ୍ତ ଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। କିଛିବର୍ଷ ତଳେ ପଟ୍ଟାମୁଣ୍ଡାଇ ପୋଲ ନିକଟରେ ପେଟ୍ରୋଲ ବିକ୍ରି କରୁଥିବା ଏକ ଦୋକାନରେ ନିଆଁ ଲାଗି ବହୁ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଥିଲା। ଏଥିରେ ଜଣେ ଜୀବନ୍ତ ଦଗ୍ଧ ହୋଇଥିଲେ। ଅବିକଳ ଭାବେ ଗୁରୁବାର ଘରେ ଥିବା ପେଟ୍ରୋଲରେ କୌଣସି କାରଣବଶତଃ ନିଆଁ ଲାଗି ଜଣେ ଶିଶୁପୁତ୍ରର ମୃତ୍ୟୁ ହୋଇଛି। ସୂଚନାଯୋଗ୍ୟ, ପଟ୍ଟାମୁଣ୍ଡାଇ ଅଞ୍ଚଳରେ କେବଳ ୪ଟି ପେଟ୍ରୋଲ ପମ୍ପ୍ ରହିଛି। ପଟ୍ଟାମୁଣ୍ଡାଇ-କେନ୍ଦ୍ରାପଡ଼ା ରାସ୍ତା ପୋହଳ ପର୍ଯ୍ୟନ୍ତ ୩ଟି ପମ୍ପ୍ ଥିବା ବେଳେ ପଟ୍ଟାମୁଣ୍ଡାଇ-ରାଜନାଗର ରାସ୍ତାରେ ଗୋଟିଏ ପେଟ୍ରୋଲ ପମ୍ପ୍ ରହିଛି। କିନ୍ତୁ ପଟ୍ଟାମୁଣ୍ଡାଇ ସହର ସମେତ ଗାଁ ଗହଳି ଦୋକାନଗୁଡ଼ିକରେ ପେଟ୍ରୋଲ-ଡିଜେଲ ଖୋଲା ବଜାରରେ ବିକ୍ରି କରାଯାଉଛି। ଏ ସମ୍ପର୍କରେ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁଙ୍କୁ ପଚାରିବାରୁ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ବିକ୍ରି କରୁଥିବା ଦୋକାନୀଙ୍କ ଉପରେ ଅଙ୍କୁଶ ଲଗାଇବାକୁ ଅଏଲ୍ ବିଭାଗ ସେଲ୍ସ ଅଫିସରଙ୍କ ସହ ଯୋଗାଯୋଗ କରିବା ସହିତ ଆମ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ରଞ୍ଜିତ ମହାନ୍ତି ଓ ଗ୍ରାମାଞ୍ଚଳ ଥାନା ଆଇଆଇସି ପଦ୍ମାଳୟ ପ୍ରଧାନଙ୍କୁ ପଚାରିବାରେ ବେଆଇନ ଦୋକାନରେ ବିକ୍ରି ହେଉଥିବା ପେଟ୍ରୋଲ, ଡିଜେଲ ଉପରେ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେମାନେ କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବିଶ୍ୱଜିତ



@ ଦିଭେଶ



@ ମାମାଲି



@ ନିଖିଳ



@ କୃଷ୍ଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଯଅଁରାବାରିମୂଳରେ କଂଗ୍ରେସ କର୍ମୀ ସମ୍ମିଳନୀ



ଡେରାବିଶ, ୮।୧୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଯଅଁରାବାରିମୂଳ ଗାଁରେ କଂଗ୍ରେସ କର୍ମୀ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ କଂଗ୍ରେସ ସଭାପତି ନିର୍ମଳ ବଳ ସଭାପତିତ୍ୱ କରିଥିଲେ। ପାଟକୁରାର କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜେଡି ଓ ଭାଜପା ବିରୋଧରେ ବର୍ତ୍ତମାନ ପରିସ୍ଥିତିରେ ଉପୁଜିଥିବା ଜନଅସନ୍ତୋଷ ସହ ସେହି ଦୁଇ ଦଳର ଗୋଷ୍ଠୀ କନ୍ଦଳର ଫାଇଦା କଂଗ୍ରେସକୁ ଆସିବ ବୋଲି କହିଥିଲେ। ଏହାର ସୁଯୋଗ ନେବାକୁ ସମସ୍ତ କର୍ମୀ ଏକ ମନ ଏକ ପ୍ରାଣ ହୋଇ ଦଳ ପାଇଁ କାମ କରିବାକୁ ଆହ୍ୱାନ ଦେଇଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀ, ପୂର୍ବତନ ବ୍ଲକ ସଭାପତି ଅନନ୍ତ ଚରଣ ପାତ୍ର, ରାଜୀବ ଲୋଚନ ମିଶ୍ର, ସୁଖଦାନନ୍ଦ ପ୍ରଧାନ, ଗୋଲଖ ଚନ୍ଦ୍ର ସ୍ୱାଇଁ, ଅନଙ୍ଗ କୁମାର ସ୍ୱାଇଁ, ଦୋଳଗୋବିନ୍ଦ ଶତପଥୀ, ମନୋରଞ୍ଜନ ରଥ ଓ ଅଭିମନ୍ୟୁ ରାଉତ ପ୍ରମୁଖ ଯୋଗଦେଇଥିଲେ। ସେମାନେ ବିଜେଡି ଓ ଭାଜପା ଶାସନର ଜନମାରଣ ନୀତିର ସମାଲୋଚନା କରିଥିଲେ। ଏହି ସଭାରେ ପଞ୍ଚାୟତର କଂଗ୍ରେସ କର୍ମୀମାନେ ଯୋଗ ଦେଇଥିଲେ। ସୁରେନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ।

# ଆଲି ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ଆଲି, ୮।୧୧ (ବନମାଳୀ ସେନାପତି)

ଆଲି ମଣ୍ଡଳ ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଶୁକ୍ରବାର ପତ୍ରପୁରର ସାମନ୍ତସିଂହାର କେଳୁଚରଣ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଲି ବିଇଓ ନଳିନୀ କାନ୍ତ ରାଉତରାୟ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆରାଧନା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ବକ୍ତା ଭାବେ କେନ୍ଦ୍ରାପଡ଼ା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଅରବିନ୍ଦ ଦାଶ ଓ ସମ୍ମାନିତ ଅତିଥି ଭାବେ ଜିଲା ବିଜ୍ଞାନ ପରିଦର୍ଶକ ନିଶିଧ କୁମାର ବାରିକ, ପତ୍ରପୁର ସରପଞ୍ଚ କାନନ ବିହାରୀ ପରିଡା, ପୂର୍ବତନ ଶିକ୍ଷା ଅଧିକାରୀ ରତିକାନ୍ତ ସେନାପତି, ନୋଡାଲ ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର ଓ ଆଲି ମଣ୍ଡଳ ବିଜ୍ଞାନ ପରିଷଦ ସମ୍ପାଦକ ଶୁଭ୍ରକାନ୍ତ ମିଶ୍ର ଯୋଗଦେଇଥିଲେ। ପ୍ରଦର୍ଶନୀ ରେ ସମୁଦାୟ ୧୧୭ଟି ପ୍ରକଳ୍ପ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ବିଚାରକମାନେ ବିଭିନ୍ନ ଷ୍ଟଲ ପରିଦର୍ଶନ କରିବା ପରେ ଜିଲାସ୍ତରକୁ ୫ଟି ପ୍ରକଳ୍ପକୁ ମନୋନୀତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଇଓ ରାଉତରାୟ ଅଧ୍ୟକ୍ଷତା କରିଥିଲେ। ମନ୍ତ୍ରୀଙ୍କ ପ୍ରତିନିଧି ସୁମନ୍ତ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସହଦେବ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବରାଜ ନାୟକ ମୁଖ୍ୟବକ୍ତା ଓ ସମ୍ମାନୀତ ଅତିଥି ଭାବରେ ବିଆରସିସି ଉଦକର ସାମଲ, ବିଲିକଣା ସିଆର୍‌ସିସି ଲକ୍ଷ୍ମୀପ୍ରିୟା ମଥାନ ଯୋଗ ଦେଇଥିଲେ। ଚଣ୍ଡିଆଗଡି ହାଇସ୍କୁଲର ଶିକ୍ଷକ ସମୀର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ସଫଳ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।



ପିଲାଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପକୁ ବିଚାରକମାନେ ବୁଲି ଦେଖୁଛନ୍ତି।

# ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ୪୩ ପ୍ରକଳ୍ପ

ରାଜନଗର, ୮।୧୨ (ଭାସ୍କର ରାଉତରାୟ)

ସ୍ଥାନୀୟ ସରକାରୀ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରାଜନଗର ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବିଇଓ ମନୋରଞ୍ଜନ ସେଠୀଙ୍କ ପୌରୋହିତ୍ୟ ଏବଂ ବରିଷ୍ଠ ଶିକ୍ଷକ ହେମନ୍ତ କୁମାର ରାଉତଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜନଗର ବିଡିଓ ନିଶାନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ନୋଡାଲ ପ୍ରଧାନ ଶିକ୍ଷକ ଶୁଭ୍ରଜ କୁମାର ବରାଳ, ସମ୍ମାନିତ ଅତିଥି ଭାବେ ଖବରଦାତା ଭାସ୍କର ରାଉତରାୟ, ବ୍ଲକ ବିଜ୍ଞାନ ସୁପରଭାଇଜର ଶାନ୍ତନୁ କୁମାର ସୂତାର, ସିଆର୍‌ସିସି ମଧୁସୂଦନ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ସମିତା ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଇଓ ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର, ନୋଡାଲ ପ୍ରଧାନଶିକ୍ଷକ ବରାଳ, ସ୍କୁଲ ପରିଚାଳନା କମିଟିର ସଭାପତି ଦତହରି ମଲ୍ଲିକ ପ୍ରମୁଖ ଯୋଗଦେଇ ୪୩ ପ୍ରକଳ୍ପରୁ ଜିଲାସ୍ତରକୁ ମନୋନୀତ ହୋଇଥିବା ୫ଜଣ କୁନି ବୈଜ୍ଞାନିକଙ୍କୁ ପୁରସ୍କୃତ କରିଥିଲେ। ସିଆର୍‌ସିସି ମନୋରଞ୍ଜନ ପରମାଣିକ ଧନ୍ୟବାଦ ଦେଇଥିଲେ। ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ହେମନ୍ତ କୁମାର ରାଉତ ଓ ସୁଶାନ୍ତ କୁମାର ଦାସ ଯୋଗଦେଇ ଶ୍ରେଷ୍ଠ ପ୍ରକଳ୍ପଗୁଡିକୁ ଚୟନ କରିଥିଲେ।

# ରାଜକନିକାରେ ୯୬ ପ୍ରକଳ୍ପ ପ୍ରଦର୍ଶିତ, ୫ ଜିଲାସ୍ତରକୁ ମନୋନୀତ

ରାଜକନିକା, ୮।୧୨ (ସଞ୍ଜୟ କୁମାର ଦାଶ)

ରାଜକନିକା ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ସ୍ଥାନୀୟ ନମତରା ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜକନିକା ବିଇଓ ବାବାଜୀ ଚରଣ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ରାଉତ, ମୁଖ୍ୟ ବକ୍ତା ଭାବେ ବିଡିଓ ପୃଥ୍ୱିରାଜ ପରିଡ଼ା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆର୍‌ଏନ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ଦଳାଇ, ଜିଲା ବିଜ୍ଞାନ ପରିଦର୍ଶକ ନିଶିଧ କୁମାର ବାରିକ, ନମତରା ସରପଞ୍ଚ କମଳିନୀ ଜେନା, ନମତରା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଘନଶ୍ୟାମ ମହାକୁଡ଼, ନମତରା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚୈତନ୍ୟ ପୁହାଣ ପ୍ରମୁଖ ଯୋଗଦେଇଥିଲେ। ଜରିସାହି କ୍ଲଷ୍ଟର ସିଆର୍‌ସିସି ଖଗେଶ୍ୱର ପଡ଼ିହାରୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ନମତରା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଦେବେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସିଆର୍‌ସିସି କୃଷ୍ଣଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ। ପ୍ରଦର୍ଶନୀରେ ପିଲାଙ୍କ ଦ୍ୱାରା ୯୬ଟି ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ୫ଟି ଜିଲାସ୍ତରକୁ ମନୋନୀତ ହୋଇଛି। ଜିଲାସ୍ତରୀୟ ବିଚାରକ ଭାବେ ଆଦିକନ୍ଦ ସାହୁ, ମନୋଜ କୁମାର ଶତପଥୀ, ରଘୁନାଥ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜକନିକା ବିଇଓ ବାରିକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରାଜକନିକା ବ୍ଲକ ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ମୁଖ୍ୟବକ୍ତା ଭାବେ ୨୭ନଂ. ଜୋନ୍‌ର ଜିଲା ପରିଷଦ ସଭ୍ୟା ପ୍ରବୀଣା ଦାସ, ସମ୍ମାନିତ ଅତିଥି ଭାବେ ରାଜକନିକା ଏବିଇଓ ତଥା ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ କୈଳାସ ଚନ୍ଦ୍ର ସାହୁ, ଏବିଇଓ ସୁରୁଚିପ୍ରଭା ଦାଶ, ଏବିଇଓ ସୁମନମାଳା ରାଉତ, ନମତରା ସମିତିସଭ୍ୟା ଅର୍ଚ୍ଚନା ମଲ୍ଲିକ, ନମତରା ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସିଦ୍ଧେଶ୍ୱର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ସେମାନେ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ନୋଡାଲ ସିଆର୍‌ସିସି ସଞ୍ଜୟ ବଳ ଅତିଥି ପରିଚୟ ଦେଇଥିବା ବେଳେ ମହେନ୍ଦ୍ର କୁମାର ମାହୁନ୍ତ ଧନ୍ୟବାଦ ଦେଇଥିଲେ।

# ଜମିଜମା ବିବାଦ ନେଇ ମାରପିଟ, ୧୦ ଆହତ

ରାଜନଗର, ୮।୧୨ (ଭାସ୍କର ରାଉତରାୟ)

ରାଜନଗର ଥାନା ଅନ୍ତର୍ଗତ ସାତଭାୟା ପଞ୍ଚାୟତ ବଗପାଟିଆ ଗାଁରେ ଜମିବାଡି ସଂକ୍ରାନ୍ତ ପୂର୍ବ ବିବାଦକୁ ନେଇ ଉଭୟପକ୍ଷ ମଧ୍ୟରେ ବଚସା ଏବଂ ପରେ ମାର୍‌ପିଟ ହେବା ଯୋଗୁ ୧୦ଜଣ ଆହତ ହୋଇଛନ୍ତି। ଆହତ ବ୍ୟକ୍ତିଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅଧିକ ଚିକିତ୍ସା ପାଇଁ କେନ୍ଦ୍ରପାଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବଗପାଟିଆ ଗ୍ରାମର ରବି ମଣ୍ଡଳ, ଲତା ମଣ୍ଡଳ, ନଳିତା ଗାଇନି, ଶ୍ୟାମପଦ ମଣ୍ଡଳଙ୍କ ଅଭିଯୋଗ ମୁତାବକ ଜମିଜମା ବିବାଦ ସମ୍ବନ୍ଧରେ ପୂର୍ବରୁ ଥାନାରେ ଏତଲା କରିଥିଲୁ। ଗାଁରେ ସମାଧାନ ହେବା ପାଇଁ ଉଭୟପକ୍ଷ ରାଜି ହୋଇଥିଲୁ। କିନ୍ତୁ ଅପରପକ୍ଷରେ ଥିବା ଆମ ଗାଁର କାଳିପଦ ମଣ୍ଡଳ, ନୀଳମଣି ମଣ୍ଡଳ, ଲବ ମଣ୍ଡଳ, କୁଶ ମଣ୍ଡଳ, ସୀତା ମଣ୍ଡଳ, ଭରତ ମଣ୍ଡଳ, ଆମଦିନ ମଣ୍ଡଳ ପ୍ରମୁଖ ଗାଁରେ ସମାଧାନ ପାଇଁ ସହଯୋଗ କରି ନ ଥିଲେ। ଶୁକ୍ରବାର ଏହାକୁ ନେଇ ହଠାତ୍ ଉଭୟ ଗୋଷ୍ଠୀ ମଧ୍ୟରେ ମାରଣାସ୍ତ୍ରରେ ଆକ୍ରମଣ ଓ ପ୍ରତି ଆକ୍ରମଣରେ ଗଣ୍ଡଗୋଳ ହେବା ଦ୍ୱାରା ୧୦ଜଣ ଆହତ ହୋଇଛନ୍ତି। ଏ ନେଇ ଥାନାରେ ଉଭୟପକ୍ଷ ଲିଖିତ ଅଭିଯୋଗ କରିଛନ୍ତି।

## ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

# ୫ ପ୍ରକଳ୍ପ ଜିଲାସ୍ତରକୁ ଉନ୍ନୀତ

ଡେରାବିଶ, ୮।୧୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ବେଣୀପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ବିଇଓ ଶ୍ରୀକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା କବିତା ସେଠୀ, ଏବିଇଓ ସଚ୍ଚିକାନ୍ତ ମିଶ୍ର, ଖଗେଶ୍ୱର ନାୟକ, ମୋ ସ୍କୁଲ ଅଭିଯାନର ସଭାପତି ସୁଦୀପ୍ତ ସାମଲ ଓ ମୁଖ୍ୟବକ୍ତା ଭାବେ ତାପସ ରଞ୍ଜନ ସାହୁ ଯୋଗଦେଇଥିଲେ। ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜ୍ଞାନ ପ୍ରଦର୍ଶନୀରେ ବ୍ଲକରୁ ୯୪ଟି ପ୍ରକଳ୍ପରୁ ୫ଟି ଜିଲାସ୍ତରାକୁ ମନୋନୀତ ହୋଇଛି। ଅପରାହ୍ନରେ ବିଇଓ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ବେଣୀପୁର ସରପଞ୍ଚ ମୋହନ ଚରଣ ସାହୁ, ପୂର୍ବତନ ଜିଲା ବିଜ୍ଞାନ ପରିଦର୍ଶକ ପୀତବାସ ପଣ୍ଡା, ଜିଲା ବିଜ୍ଞାନ ପରିଦର୍ଶକ ନିଷିଦ୍ଧ କୁମାର ବାରିକ, ବ୍ଲକ ସାଧନ କେନ୍ଦ୍ର ସଂଯୋଜକ ଦେବଦତ୍ତ ଶତପଥୀ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ସମସ୍ତ କୁନି ବୈଜ୍ଞାନିକମାନଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବେଣୀପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଶିକାନ୍ତ ସାହୁ, ମଣ୍ଡଳ ବିଜ୍ଞାନ ସଂଯୋଜକ ଭାଗୀରଥି ମହାନ୍ତି, ସିଆର୍‌ସିସି ଲଲାଟ କେଶରୀ ଭୂୟାଁଙ୍କ ସମେତ ସମସ୍ତ ୧୭ଟି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ। ସିଆର୍‌ସିସି ଅଶୋକ ମହାପାତ୍ର ଧନ୍ୟବାଦ ଦେଇଥିଲେ।





ବିଜ୍ଞାନ ପ୍ରଦର୍ଶନୀରେ ପିଲାଙ୍କ ଦ୍ୱାରା ନିର୍ମିତ ପ୍ରକଳ୍ପ।

## ଧାନ କାଟୁଥିବାବେଳେ ସାପ କାମୁଡ଼ାରେ ଚାଷୀ ମୃତ

ରାଜନଗର, ୮।୧୨ (ଭାସ୍କର ରାଉତରାୟ)

ରାଜନଗର ଥାନା ଅନ୍ତର୍ଗତ କଣ୍ଡିରା ପଞ୍ଚାୟତ ବଳରାମପୁର ଗାଁର ଯୁବଚାଷୀ ପ୍ରମୋଦ କୁମାର ସ୍ୱାଇଁ (୩୯) ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ବିଲରେ ଧାନ କାଟୁଥିବା ବେଳେ ଏକ ବିଷଧର ସାପ କାମୁଡିଥିଲା। ସାପ କାମୁଡିବା ପରେ ପ୍ରମୋଦ ଚିତ୍କାର କରିବାରୁ ପାଖ ବିଲରେ ଧାନ କାଟୁଥିବା ଚାଷୀମାନେ ଦୌଡି ଆସି ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ପରେ ଏ ନେଇ ରାଜନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ସନ୍ଧ୍ୟାରେ ପ୍ରମୋଦଙ୍କ ମୃତଦେହ ଫେରିବା ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେ ଅତ୍ୟନ୍ତ ଗରିବ ଲୋକ। ଚାଷ କରି ପରିବାର ଭରଣ ପୋଷଣ କରିଆନ୍ତି। ତାଙ୍କର ୧୨ ବର୍ଷ ଓ ୮ ବର୍ଷର ୨ ପୁଅ ଅଛନ୍ତି।

# ବର୍ଦ୍ଧମାନ ରାଜା ପ୍ରଦତ୍ତ ଜମିର ସ୍ଥାୟୀ ପଟ୍ଟା ଦାବି

ମହାକାଳପଡ଼ା, ୮।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ବଙ୍ଗୀୟ ଅଧିବାସୀଙ୍କ ମିଳୁନି ସ୍ଥାୟୀ ପଟ୍ଟା
- ପ୍ରଶାସନର ଦ୍ୱାରସ୍ଥ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ଖରିନାସି ପଞ୍ଚାୟତ ହରିଆବାଙ୍କ ଗ୍ରାମର ୧୦୨ ମୂଳ ପ୍ରଜାଙ୍କୁ ୧୧୬୨ ଏକର ୧୦ ଡିସିମିଲ ଜମି ୧୯୫୧/୫୨/୫୭/୫୮ ମସିହାର ବର୍ଦ୍ଧମାନ ରାଜାଙ୍କ ପ୍ରଦତ୍ତ ଜମି କୁଜଙ୍ଗରେ ପ୍ରଦାନ କରାଯାଇଥିଲା। ଅଦ୍ୟାବଧି ପରିବାର ବୃଦ୍ଧି ପାଇ ୫ ଶହରୁ ଅଧିକ ହୋଇଥିବା ବେଳେ ଜମି ଅଧିଗ୍ରହଣ କରି ଚାଷ ବାସ କରିବା ସହ ନିଜର ଘର ବାଡ଼ି କରି ରହିଆସୁଛନ୍ତି। ପରବର୍ତ୍ତୀ ସମୟରେ ଏହି ଜମି ଜଙ୍ଗଲ-୨ କିସମ ରହିଥିବାରୁ ପ୍ରଶାସନ ସ୍ଥାୟୀ ପଟ୍ଟା ଦେବାରେ ବାଧକ ସାଜିଥିଲା। ପରେ କେତେଜଣ ଜମି ମାଲିକ ସ୍ଥାୟୀ ପଟ୍ଟା ପ୍ରଦାନ ପାଇଁ ଜନସ୍ୱାର୍ଥ ମାମଲା ରୁଜୁ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ହାଇକୋର୍ଟ ଜମି ମାଲିକମାନଙ୍କୁ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ପୂର୍ବାହ୍ନରେ ଏ ନେଇ ହରିଆବାଙ୍କ ଗ୍ରାମର କେତେଜଣ ଜମି ମାଲିକ ମହାକାଳପଡ଼ା ତହସିଲଦାରଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିଥିଲେ। ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଜମି ମାଲିକମାନଙ୍କ ମଧ୍ୟରେ ପଶୁପତି ଜାନା, ଜଗନ୍ନାଥ ଗିରି, ମଧୁସୂଦନ ରାୟ, ନିଶିକାନ୍ତ ମାଇତି, ତପତି ମାଇତି, ସୁଷମା ମାଇତି, ତପନ ପାହାଡି, ଗୋବିନ୍ଦ ପାତ୍ର, ଲକ୍ ସେନାପତି, ଭକ୍ତିପଦ ମିଶ୍ର, ମହେଶ୍ୱର ଜାନା, ନିତାଇ ଜାନା, ସମୀର ଜାନାଙ୍କ ସମେତ ବହୁ ଜମି ମାଲିକମାନେ ଉପସ୍ଥିତ ଥିଲେ। ଏ ସଂକ୍ରାନ୍ତରେ ମହାକାଳପଡ଼ା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କ ମତାମତ ନେବାରେ ଏହି ଜମି ଜଙ୍ଗଲ କିସମ ଥିବା ସେ କହିଛନ୍ତି।



ତହସିଲ୍‌ରେ ହରିଆବାଙ୍କ ଗ୍ରାମର ଲୋକେ ବର୍ଦ୍ଧମାନ ରାଜା ପ୍ରଦତ୍ତ ଜମି ପଟ୍ଟା ଦେଖାଉଛନ୍ତି।

# ମାଳ ମାଳ ବେଆଇନ ପାଥୋଲାବ୍‌

■ତ୍ରୁଟିପୂର୍ଣ୍ଣ ରିପୋର୍ଟ ଯୋଗୁ ଭଲ ହେଉନି ରୋଗ

■କ୍ଷତି ସହୁଛନ୍ତି ସରକାର, ରୋଗୀ ଅଯଥାରେ ଖର୍ଚ୍ଚାନ୍ତ

■ଧରପଗଡ଼ ନ ଥିବାରୁ ବଢ଼ୁଛି ସଂଖ୍ୟା

■ଲାଇସେନ୍ସ ୧୫ , ହେଲାଣି ୩୦୦ରୁ ଊର୍ଦ୍ଧ୍ୱ

ନୟାଗଡ଼,୮।୧୨ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ଗଳିକନ୍ଦିରେ ଛତୁ ଫୁଟିଲା ଭଳି ବେଆଇନ ପାଥୋଲୋଜି ପରୀକ୍ଷାଗାର କାମ କରୁଛି। ଜିଲାରେ ମାତ୍ର ୧୫ଟି ପାଥୋଲାବ ଲାଇସେନ୍ସ ପାଇଥିବାବେଳେ ୩୦୦ରୁ ଊର୍ଦ୍ଧ୍ୱ ବେଆଇନ ଭାବେ ଚାଲିଥିବା ଅଭିଯୋଗ ହେଉଛି। ବର୍ଷତମାମ ବେଆଇନ ଭାବେ ଚାଲିଥିବା ଏହି ପାଥୋଲାବଗୁଡିକ ପ୍ରତି ଅନୁକମ୍ପା ଥିବାରୁ ତଦନ୍ତ ହେଉନାହିଁ। ଏଭଳିସ୍ଥଳେ ସରକାର ରାଜସ୍ୱ ହରାଉଛନ୍ତି। ଆଉ ରୋଗୀ ଅଯଥା ଖର୍ଚ୍ଚାନ୍ତ ହେବା ସହ ବେଳେ ବେଳେ ପ୍ରାଣ ହରାଉଛନ୍ତି। ପୁଣି ଅଧିକାଂଶ ରୋଗୀଙ୍କର ରିପୋର୍ଟ ତ୍ରୁଟିପୂର୍ଣ୍ଣ ରହୁଥିବାରୁ ରୋଗ ଭଲ ହେବା ପରିବର୍ତ୍ତେ ବଢ଼ି ଚାଲିଛି।

ଅଭିଯୋଗ ଅନୁସାରେ, ୫ରୁ ୧୦ ହଜାର ଟଙ୍କା ଖର୍ଚ୍ଚ କଲେ ବିଭିନ୍ନ ଅନାମଧେୟ ସଂସ୍ଥାରୁ ଟେକନସିୟାନ ସାର୍ଟିଫିକେଟ୍ ହାସଲ କରାଯାଇ ପାରୁଛି। ସାର୍ଟିଫିକେଟ ହାସଲ ପରେ କ୍ୟାବନ୍ ଖଣ୍ଡେ ପକାଇ ପାଥୋଲାବ ଫଳକଟିଏ ମାରି ରକ୍ତ, ମଳ, ମୂତ୍ର ଆଦି ପରୀକ୍ଷା କରା ଚାଲିଛି। ବ୍ୟବହାରିକ ଓ ବୃତ୍ତିଗତ ଜ୍ଞାନ ଅଭାବରୁ ରୋଗୀମାନେ ଆର୍ଥିକ ଦୃଷ୍ଟିରୁ ଶୋଷିତ ହୋଇ ଚାଲୁଛନ୍ତି। ଅନ୍ୟପକ୍ଷେ ତ୍ରୁଟିପୂର୍ଣ୍ଣ ପରୀକ୍ଷଣ ଯୋଗୁ ବ୍ଲଡ ଗ୍ରୁପ ଚିହ୍ନଟ ବେଳେ ଜଣେ ବ୍ୟକ୍ତିର ବ୍ଲଡ ଗ୍ରୁପ ମଧ୍ୟ ଭିନ୍ନ ହୋଇଯାଉଛି। ପୁଣି ବିଭିନ୍ନ ପରୀକ୍ଷଣ ରିପୋର୍ଟରେ ତ୍ରୁଟି ରହୁଛି। ଫଳରେ କେତେକ କ୍ଷେତ୍ରରେ ରୋଗୀ ଗୁରୁତର ଓ ପ୍ରାଣ ହରାଉଛନ୍ତି। ଏଭଳି ଘଟଣା ବିଭିନ୍ନ ସମୟରେ ଘଟି ଚାଲିଥିଲେ ମଧ୍ୟ ଅଭିଯୋଗକୁ ଆର୍ଥିକ ଲୋଭ ଓ ରାଜନୈତିକ ଚାପ ପକାଇ ଚାପି ଦିଆଯାଉଥିବା ଅଭିଯୋଗ ରହିଛି। ଏ ନେଇ ନୟାଗଡ଼ର ରାମଚନ୍ଦ୍ର ସାହୁ, ନୂଆଗାଁର ଶ୍ୟାମବନ୍ଧୁ ନାୟକ, ଦଶପଲ୍ଲାର ରାଜେନ୍ଦ୍ର ସ୍ୱାଇଁ କୁହନ୍ତି, କେଉଁ ପାଥୋଲାବ ବେଆଇନ ଓ କିଏ ପଞ୍ଜୀକୃତ ରୋଗୀ ଜାଣିବେ କିପରି। ରୋଗୀ ପରୀକ୍ଷା କରି ଶୀଘ୍ର ଡାକ୍ତର ପାଖକୁ ଯିବାକୁ ତରବର ହୋଇଥାଏ। ସବୁ ପାଥୋଲାବ ଲୋକଙ୍କୁ ପରୀକ୍ଷଣ କରୁଛନ୍ତି। କିଏ ଅସଲି କିଏ ନକଲି ରୋଗୀ ଜାଣି ନ ପାରି ଟଙ୍କା ଖର୍ଚ୍ଚ କରି ବିପଦକୁ ଆମନ୍ତ୍ରଣ କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ତଦନ୍ତ କାର୍ଯ୍ୟାନୁଷ୍ଠାନ ନେବା ଦରକାର। ନଚେତ ରୋଗୀଙ୍କ ଜୀବନ ସହ ଖେଳ ଚାଲିଥିବ ବୋଲି କହିଛନ୍ତି। ଗଣିଆର ନାରାୟଣ ପ୍ରଧାନ, ରଣପୁରର ବବିତା ପ୍ରଧାନ କୁହନ୍ତି, ରୋଗୀ କ'ଣ ଜାଣିପାରିବ ପାଥୋଲୋଜି ପରୀକ୍ଷାଗାର ଅସଲି କି ନକଲି। ସ୍ୱାସ୍ଥ୍ୟ ବିଭାଗ ଏ ନେଇ ଜାଣି ଚୁପ ରହିଛି କିପରି। ଲୋକଙ୍କ ଜୀବନ ସହ ଖେଳୁଥିବା ପାଥୋଲାବର ମାଲିକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ତୁରନ୍ତ ନିଆଯିବା ଦରକାର। ଚଢ଼ାଉ କରି କିଛି ପାଥୋଲାବ ଉପରେ କାର୍ଯ୍ୟାନୁଷ୍ଠାନ କରାଗଲେ ଆଉ ଖୋଲିବନି ବୋଲି ସେମାନେ କହିଛନ୍ତି ।

## କାଗଜକଲମରେ ନିୟମ

ପାଥୋଲୋଜି ପରୀକ୍ଷାଗାର ଖୋଲିବା ପାଇଁ ସରକାରଙ୍କ ସ୍ୱତନ୍ତ୍ର ନିୟମ ରହିଛି। ନିୟମ ଅନୁସାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ)ଙ୍କ ନିକଟରେ ନିର୍ଦ୍ଧାରିତ ଅର୍ଥଜମା କରି ପଞ୍ଜୀକୃତ କରାଯାଇପାରିବ। ହେଲେ ବିନା ପଞ୍ଜୀକରଣରେ ପାଥୋଲାବ ଚାଲିଥିବାରୁ ସରକାରଙ୍କ ନିୟମକୁ ଅଣଦେଖା କରାଯାଉଛି। ୧୫ଟି ଲାଇସେନ୍ସ ପାଥୋଲୋଜି ପରୀକ୍ଷାଗାର ମଧ୍ୟରୁ କେବଳ ୧୩ଟି ନୟାଗଡ଼ ଜିଲା ସଦର ମହକୁମାରେ ରହିଛି। ଅବଶିଷ୍ଟ ଦୁଇଟି ଚାନ୍ଦପୁର ଓ ଖଣ୍ଡପଡ଼ାରେ ରହିଛି। କିନ୍ତୁ ଜିଲାର ନୟାଗଡ଼, ରଣପୁର, ଭାପୁର, ଖଣ୍ଡପଡ଼ା, ଓଡ଼ଗାଁ, ନୂଆଗାଁ, ଗଣିଆ, ଦଶପଲ୍ଲା ବ୍ଲକ ସମେତ ୫ ସହରାଞ୍ଚଳରେ ନିୟମକୁ ଶୀତଳଭଣ୍ଡାରରେ ଫୋପାଡି ମାଳ ମାଳ ପାଥୋଲୋଜି ପରୀକ୍ଷାଗାର ଖୋଲାଯାଇଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ରମାକାନ୍ତ ପଣ୍ଡାଙ୍କୁ ପଚାରିବାରେ ଏନେଇ ଆମେ ତଦନ୍ତ ଆରମ୍ଭ କରିଛୁ। ଯେଉଁମାନେ ପଞ୍ଜୀକୃତ ନ କରି ପାଥୋଲୋଜି ପରୀକ୍ଷାଗାର କରିଛନ୍ତି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ଯାନବାହନ ଗଡ଼ିଲେ ପିଚୁ ଉଠୁଛି

■ଶ୍ରମିକ ଓଳାଇ ସଂଗ୍ରହ କରୁଛନ୍ତି ବଜୁରି

■ନୟାଗଡ଼-ଖଣ୍ଡପଡ଼ା ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନ

ନୟାଗଡ଼,୮।୧୨(ଲୋକନାଥ ମିଶ୍ର)

ରାସ୍ତାରେ ଯାନବାହନ ଗଡ଼ିଲେ ବଜୁରି ଉଠି ଯାଉଛି। ତାହାକୁ ଶ୍ରମିକ ଓଳାଇ ସଂଗ୍ରହ କରୁଛନ୍ତି। ଏଣୁ ନୟାଗଡ଼-ଖଣ୍ଡପଡ଼ା ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି। ଜିଲା ସଦର ମହକୁମାରେ ଖଣ୍ଡପଡ଼ା ରାସ୍ତାର ପିଚୁ କାର୍ଯ୍ୟରେ ଏପରି ଅନିୟମିତତା ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଏଭଳିଆ ଠିକାଦାରକୁ କଳା ତାଲିକା ଭୁକ୍ତ କରିବାକୁ ଦାବି ଉଠିଛି। ନୟାଗଡ଼ ସହରର ଟ୍ରାଫିକ ଛକଠାରୁ ପ୍ରାୟ ୭୦୦ ମିଟର ପରେ ଖଣ୍ଡପଡ଼ା ରାସ୍ତାରେ ପିଚୁ କାମ ଆରମ୍ଭ ହୋଇଛି। ରାସ୍ତାର ଗୋଟିଏ ପାର୍ଶ୍ୱ ପିଚୁ କାମ ନୟାଗଡ଼ ସହର ଦେଇ ଯାଇଥିବା ଖଣ୍ଡପଡ଼ା ରାସ୍ତାରେ ଚାଲିଛି। ତେବେ ରାସ୍ତାରେ ବାଇକ୍, ବସ୍, ସାଇକେଲ ପରି ଯାନବାହନ ଚାଲିଲେ ବଜୁରି ଉଠି ଯାଉଛି। ୨ଦିନ ଭିତରେ ତିଆରି ହୋଇଥିବା ପିଚୁ ରାସ୍ତାରେ ଧୂଳି ଉଡୁଛି। କିଛି ସ୍ଥାନରେ ପିଚୁ ରାସ୍ତାରେ ଖାଲ ଖମା ହୋଇ ପୁରୁଣା ପିଚୁ ଦେଖା ଗଲାଣି। ପିଚୁ କାର୍ଯ୍ୟକୁ ଦେଖିଲେ ୨ ଦିନ ଭିତରେ ପିଚୁ ହେବା ପରି ଜଣାପଡୁନି। ବରଂ ରାସ୍ତା ବହୁ ପୁରାତନ ଜଣାପଡୁଛି। ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ସେମିରେ ରାଇଜିଂ ଷ୍ଟୁଡେଣ୍ଟସ, କଟକ




ରାଇଜିଂ ଷ୍ଟୁଡେଣ୍ଟସ କଟକ ଦଳର ଅଧିନାୟକ ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦିଆଯାଉଛି।

## ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ

ଭାପୁର, ୮।୧୨(ଭରତ କୁମାର ବେହେରା)

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ଫତେଗଡ଼ ନାଳିସାଗର ଖେଳପଡ଼ିଆରେ ଚତୁର୍ଦ୍ଦଶ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଗ୍ରୁପ 'ବି'ର ଦ୍ୱିତୀୟ କ୍ୱାର୍ଟରରେ ରାଇଜିଂ ଷ୍ଟୁଡେଣ୍ଟସ, କଟକ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। କରିମ୍ ସ୍ପୋର୍ଟସ ନାଗପୁର ଏବଂ ରାଇଜିଂ ଷ୍ଟୁଡେଣ୍ଟସ କଟକ ମଧ୍ୟରେ ଖେଳା ଯାଇଥିବା ଏହି ମ୍ୟାଚରେ ନାଗପୁର ଟସ୍ ଜିତି ବ୍ୟାଟିଂ କରି ୧୮.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୧୩୦ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ରବୀନ୍ ସିଂ ୨୨ବଲରେ ୨୯ ରନ ଓ ଆପୁର୍ଭ ତ୍ରିବେଦୀ ୨୨ବଲରେ ୨୯ ରନ କରିଥିଲେ। କଟକ ଦଳ ପକ୍ଷରୁ ଅଧିନାୟକ ସୂର୍ଯ୍ୟକାନ୍ତ ପ୍ରଧାନ ୩.୩ ଓଭର ବୋଲିଂ କରି ୩୦ ରନ ଦେଇ ୫ ଉଇକେଟ୍ ନେଇଥିଲେ। ଜବାବରେ ରାଇଜିଂ ଷ୍ଟୁଡେଣ୍ଟସ, କଟକ ୧୯.୨ ଓଭରରେ ୮ ଉଇକେଟ୍ ହରାଇ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। କଟକ ଦଳ ପକ୍ଷରୁ ଅଧିନାୟକ ସୂର୍ଯ୍ୟକାନ୍ତ ପ୍ରଧାନ ୧୭ବଲରେ ୩୩ରନ କରି ଅଲରାଉଣ୍ଡର ପାଇଁ ମ୍ୟାନ ଅଫ୍ ମ୍ୟାଚ ବିବେଚିତ ହୋଇଥିଲେ।

ଏହି ମ୍ୟାଚରେ ଓସିଏ ଅମ୍ପାୟାର ଦୁର୍ଗା ପ୍ରସାଦ ପଟ୍ଟନାୟକ, ଆଶୁତୋଷ ପାଣି ଖେଳ ପରିଚାଳନା କରିଥିଲେ। ଏଥିସହ ସ୍କୋରର ଦାୟିତ୍ୱ ପବିତ୍ର କୁମାର, ସଞ୍ଜୟ କୁମାର ବେହେରା ତୁଲାଇ ଥିଲେ। ଡିଜିଟାଲ ସ୍କୋର କିରଣ ମନୋହର ମହାନ୍ତି କରିଥିଲେ। ମ୍ୟାଚ ରେଫରି ଭାବେ ସୁଧୀ ରଞ୍ଜନ ପଣ୍ଡା ଦାୟିତ୍ୱ ତୁଲାଇଥିବା ବେଳେ ଧାରା ବିବରଣୀ ବୁବୁ ସିହ୍ନା ଓ ସରୋଜ କୁମାର ମହାପାତ୍ର ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ମାନସ ରଞ୍ଜନ ବେହେରା ଓ ଫତେଗଡ ଯୁବକ ସଂଘର ସଭାପତି ବେଣୁଧର ପ୍ରଧାନ ଯୋଗଦେଇ ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ମ୍ୟାନ ଅଫ୍ ମ୍ୟାଚ ପୁରସ୍କାର ଦେଇଥିଲେ। ଶନିବାର ସେମିଫାଇନାଲ ମ୍ୟାଚ ରାଇଜିଂ ଷ୍ଟୁଡେଣ୍ଟସ କଟକ ସହ କୋଲକତା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

# ବିଦ୍ୟାପୀଠରେ ବନ୍ଧୁତ୍ୱପୂର୍ଣ୍ଣ କବାଡ଼ି ମ୍ୟାଚ



କବାଡି ଖେଳରେ ଭାଗ ନେଇଥିବା ପିଲାମାନେ।

ଶରଣକୁଳ, ୮।୧୨(ଦୀପକ କର)

ଶରଣକୁଳ ନିକଟସ୍ଥ ପଞ୍ଚୁରିଡ଼ା ମାନପୁରରେ ଥିବା ଲୋକ ନୋଡ଼ାଲ ବିଦ୍ୟାପୀଠରେ ନବମ ଶ୍ରେଣୀ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶୁକ୍ରବାର ଏକ ବନ୍ଧୁତ୍ୱପୂର୍ଣ୍ଣ କବାଡ଼ି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟରେ ସରକାରଙ୍କ ନିର୍ଦ୍ଦେଶରେ ଗଠିତ କ୍ରୀଡାଙ୍ଗନ କ୍ଲବର ଛାତ୍ରୀଛାତ୍ରଙ୍କୁ ନେଇ ନୂତନ ଭାବେ ପ୍ରସ୍ତୁତ କବାଡି ଫିଲ୍ଡରେ ଏ ମ୍ୟାଚ ଆୟୋଜିତ ହୋଇଥିଲା। ପ୍ରଥମେ ପ୍ରଧାନ ଶିକ୍ଷକ ଅଦ୍ୱୈତ ନାରାୟଣ ରଣସିଂହ ଫିଲ୍ଡକୁ ଖେଳ ପାଇଁ ଲୋକାର୍ପଣ କରିଥିଲେ। ପରେ କ୍ରୀଡ଼ା ଶିକ୍ଷକ ମନୋରଞ୍ଜନ ରାଉତ ଓ ଶୁଭେନ୍ଦୁ ଶେଖର ପରିଡ଼ାଙ୍କ ପରିଚାଳନାରେ ଖେଳ ଆରମ୍ଭ ହୋଇଥିଲା। ନବମ ଶ୍ରେଣୀ ୩୩ ପଏଣ୍ଟ ହାସଲ କରିଥିବାବେଳେ ଦଶମ ଶ୍ରେଣୀ ୩୮ ପଏଣ୍ଟ ହାସଲ କରି ବିଜୟୀ ହୋଇଥିଲା। ଦଶମର ସୋମନାଥ ସର୍ବାଧିକ ୧୩ପଏଣ୍ଟ ଅର୍ଜନ କରି ସର୍ବଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ପ୍ରଧାନ ଶିକ୍ଷକଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଖେଳରେ ଶିକ୍ଷୟିତ୍ରୀଶିକ୍ଷକମାନେ ସହଯୋଗ କରିଥିଲେ।

# ବସ୍ ଧକ୍କାରେ ବୃଦ୍ଧ ମୃତ

ଦିଗପହଣ୍ଡି,୮।୧୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁରରେ ବସ୍ ଧକ୍କାରେ ଗୁରୁତର ଆହତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଏସ. ଗଣପତି ଦୋରା ଶୁକ୍ରବାର ସକାଳେ ମୃତ୍ୟୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଅପରାହ୍ନରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି।

# ମହାବିଦ୍ୟାଳୟରେ ନୂଆ ଓଡ଼ିଶା ଯୁବ ଓଡ଼ିଶା କାର୍ଯ୍ୟକ୍ରମ



ମଞ୍ଚାସୀନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ମହାବିଦ୍ୟାଳୟର ଅଧ୍ୟକ୍ଷା ସୁକାନ୍ତୀ ଦେବୀ ଓ ଅନ୍ୟମାନେ।

ରଣପୁର,୮।୧୨(ସୁକାନ୍ତ କିଶୋର ଢ଼ାକୁଆ)

ନୟାଗଡ଼ ଜିଲା ରଣପୁରରେ ଥିବା ମା' ମଣିନାଗ ଦୁର୍ଗା ମହିଳା ମହାବିଦ୍ୟାଳୟରେ ଗୁରୁବାରଠାରୁ ନୂଆ ଓଡ଼ିଶା ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୧୪ ଦିନ ଧରି ମହାବିଦ୍ୟାଳୟରେ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହାଦ୍ୱାରା ଛାତ୍ରୀମାନଙ୍କ ପ୍ରତିଭା ବିକଶିତ ହେ। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଧାୟକ ସତ୍ୟନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ସୁକାନ୍ତୀ ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ମୁଖ୍ୟବକ୍ତା ରଣପୁର ବିଜ୍ଞପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ରଙ୍ଗିନୀ ମହାନ୍ତି, ବ୍ଲକ ଶିକ୍ଷା ଅଧିକାରୀ ବନଲତା ବେହେରା ପ୍ରମୁଖ ସାମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ନୀଳିମା ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀମାନଙ୍କ ବିକାଶ ହେଲେ ଦେଶ ଓ ସମାଜ ଆଗକୁ ବଢ଼ିବ ବୋଲି ଅତିଥିମାନେ ଭାଷଣରେ କହିଥିଲେ। ଛାତ୍ରୀମାନେ ଗୀତ, ନାଚ, ଫେସନ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀ ଓ ଅଧ୍ୟାପିକା କର୍ମଚାରୀ ଉପସ୍ଥିତ ଥିଲେ।

# ସଂରକ୍ଷିତ ଜଙ୍ଗଲ ରାସ୍ତା ନିର୍ମାଣରେ ଅନିୟମିତତା

## ସାପୁଆ ସଂରକ୍ଷିତ ଜଙ୍ଗଲରେ ସିଂଘାପଡ଼ାଠାରୁ ନୂଆପଲ୍ଲୀ ରାସ୍ତା

ଖଣ୍ଡପଡା,୮।୧୨(ଅଜୟ କୁମାର ମହାରଣା)

ଖଣ୍ଡପଡା ବନାଞ୍ଚଳ ଅଧୀନ ସାପୁଆ ଜଙ୍ଗଲ ମଧ୍ୟରେ ସମ୍ପ୍ରତି ନିର୍ମାଣାଧୀନ ଏକ ରାସ୍ତାରେ ବ୍ୟାପକ ଅନିୟମିତତା ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ ଉଠାଇଛନ୍ତି। ବିଭିନ୍ନ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବସବାସ କରୁଥିବା ଲୋକମାନେ ଗମନାଗମନର ଅସୁବିଧା ଯୋଗୁ ନାନା ସମସ୍ୟା ମଧ୍ୟରେ ଗତି କରିଥାନ୍ତି। ସଂରକ୍ଷିତ ଜଙ୍ଗଲ ଜମିରେ ଗମନାଗମନ ତଥା ଯାନବାହନ ଚଳାଚଳ ପାଇଁ ରାସ୍ତା ନିର୍ମାଣ କରିବାରେ ବନ ବିଭାଗ ବାଧକ ସାଜିଥାଏ। ତେବେ ଖଣ୍ଡପଡ଼ା ବ୍ଲକର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ ସିଂଘାପଡା ପଞ୍ଚାୟତର ବିଭିନ୍ନ ଅଞ୍ଚଳ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଥିବାରୁ ସମ୍ପୃକ୍ତ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ସଂରକ୍ଷିତ ଜଙ୍ଗଲ ଜମି ମଧ୍ୟରେ ବସବାସ କରୁଥିବା ଲୋକମାନଙ୍କ ଗମନା ଗମନ ନିମନ୍ତେ ଭଲ ରାସ୍ତାଟିଏ ନ ଥିବାରୁ ଅନେକ ସମୟରେ ଲୋକେ ସ୍ୱାସ୍ଥ୍ୟ ସେବା ପାଇଁ ଚାଲି କରି ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାତାୟତ କରିଥାନ୍ତି।

ସୂଚନା ଯୋଗ୍ୟ, ସିଂଘାପଡ଼ାଠାରୁ ନୂଆପଲ୍ଲୀ ଗ୍ରାମ ଦେଇ ସାପୁଆ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ଆଦିବାସୀ ଅଧ୍ୟୁଷିତ ଗ୍ରାମ ସାରେଣ୍ଡା, ବୁଡିଝାରି ରାସ୍ତାର ଅଳ୍ପ ବାଟ ଗଲା ପରେ ପଡ଼େ ନୂଆଗାଁ ବ୍ଲକର ଆଙ୍ଗିସିଙ୍ଗ ଓ କୋଶଳାଙ୍ଗ ଗାଁ। ଏହି ରାସ୍ତାଟି ଖଣ୍ଡପଡ଼ା ବନ ବିଭାଗ ଅଧୀନରେ ଥିବାରୁ ଏହି ରାସ୍ତାକୁ ବନ ବିଭାଗ ପକ୍ଷରୁ ଗତବର୍ଷ ଲକ୍ଷାଧିକ ଟଙ୍କା ବ୍ୟୟରେ ରାସ୍ତାର ଉଭୟପାର୍ଶ୍ୱରେ ଡ୍ରେନ ସହ ମାଟି ମୋରମ ପକାଯାଇ ରାସ୍ତା ନିର୍ମାଣ କରାଯାଇଥିଲା। ତେବେ ସିଂଘାପଡ଼ାରୁ ସମ୍ପୃକ୍ତ ଆଦିବାସୀ ଅଞ୍ଚଳ ମଧ୍ୟରେ ଥିବା ସଂରକ୍ଷିତ ସାପୁଆ ଜଙ୍ଗଲ ମଧ୍ୟରେ ଚଳିତବର୍ଷ ଉକ୍ତ ରାସ୍ତାର ଆବଶ୍ୟକ ରକ୍ଷଣାବେକ୍ଷଣ ନିମନ୍ତେ ବନ ବିଭାଗ ପକ୍ଷରୁ ପ୍ରାୟ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଅନୁଦାନ ଅର୍ଥରେ ରାସ୍ତା ନିର୍ମାଣ କରାଯାଉଛି। ଏହି ରାସ୍ତାର ଦୁଇପାର୍ଶ୍ୱରେ ରହିଥିବା ଡ୍ରେନରେ ବିଭିନ୍ନ ଗଛଲତାରେ ପରିପୂର୍ଣ୍ଣ ହୋଇଥିଲା। ଏହାକୁ ସଫା କରିବା ସହ ଡ୍ରେନରୁ ମେଶନ ଯୋଗେ ମାଟି ବାହାର କରାଯାଇ ରାସ୍ତା ଉପରେ ବିଛା ଯାଉଛି। ନିକଟରେ ଥିବା ଏକ ଖାଦାନରୁ ମୋରମ ଅଣାଯାଇ ରାସ୍ତା ଉପରେ ଛିଞ୍ଚା ଯାଇ କାର୍ଯ୍ୟ ସମ୍ପାଦନ କରାଯାଉଥିବା ଅଭିଯୋଗ ହେଉଛି। ୧୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟ ବରାଦରେ ଉକ୍ତ ରାସ୍ତାକୁ ଯେନତେନ ପ୍ରକାରେଣ କାର୍ଯ୍ୟ ସମ୍ପାଦନ କରାଯାଇ ଅର୍ଥ ବିନିଯୋଗ କରାଯାଉଥିବା ପୂର୍ବତନ ସରପଞ୍ଚ ସୁବଳ ପ୍ରଧାନଙ୍କ ସମେତ ଅନ୍ୟବ୍ୟକ୍ତି ବିଶେଷ ଅଭିଯୋଗ କରିଛନ୍ତି। ସ୍ଥାନୀୟ ସରପଞ୍ଚ ସୁନିଲ କୁମାର ପ୍ରଧାନଙ୍କ ସହ ଯୋଗାଯୋଗ କରିବାରେ କାର୍ଯ୍ୟ ଚାଲୁ ରହିଛି, ଜଙ୍ଗଲ ବିଭାଗ ପକ୍ଷରୁ ହେଉଥିବା କାର୍ଯ୍ୟ ସମ୍ପନ୍ନ ପରେ ଜଣାପଡିବ କାର୍ଯ୍ୟର ମାନ। ଏ ମଧ୍ୟରେ କୌଣସି ଟିପ୍ପଣି ଦେବା ଉଚିତ ହେବନି ବୋଲି ସେ କହିଥିଲେ। ତେବେ ଏ ସମ୍ପର୍କରେ ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଉଦିତ୍ କୁମାର ପ୍ରଧାନଙ୍କୁ ପଚାରିବାରେ କାର୍ଯ୍ୟ ଠିକ ଭାବେ ଚାଲିଛି। ଯଦି କେହି ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି, ଗତବର୍ଷ କାର୍ଯ୍ୟ ଭଲ ଥିଲା ଏବେ ସେ ରାସ୍ତା କାହିଁକି କରାଯାଉଛି ତେବେ ଲେଖି କରି ଦିଅନ୍ତୁ, କାମକୁ ବନ୍ଦ କରି ଦେବା ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀଙ୍କୁ ପଚାରିବାରେ ସିଂଘାପଡ଼ାରୁ ସାପୁଆ ସଂରକ୍ଷିତ ଜଙ୍ଗଲ ମଧ୍ୟ ଦେଇ ନୂଆଗାଁକୁ ସଂଯୋଗ କରୁଥିବା ପ୍ରାୟ ୧୨ କିଲୋ ମିଟର ଦୀର୍ଘ ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ କିଲୋ ମିଟର ପିଛା ପ୍ରାୟ ୬୯ ହଜାର ଟଙ୍କା ବ୍ୟୟ କରାଯାଉଛି। ଏବେ ରାସ୍ତାରେ ମୋରମ ବିଛା ଯାଇ କାର୍ଯ୍ୟ ଚାଲିଛି । ଜଙ୍ଗଲ ରାସ୍ତାରେ ପ୍ରତିବର୍ଷ ମୋରମ ପକା ଯାଇ କାର୍ଯ୍ୟ ହେଉଛି। ରାସ୍ତା କାର୍ଯ୍ୟ ସମ୍ପନ୍ନ ହୋଇନାହିଁ। କାର୍ଯ୍ୟ ସମ୍ପନ୍ନ ପରେ ବିଭାଗୀୟ ଅଧିକାରୀଙ୍କ ରିପୋର୍ଟ ପରେ ବିଲ୍ ହେବ। କାର୍ଯ୍ୟରେ ସେପରି କିଛି ଅନିୟମିତତା ହୋଇ ନ ଥିବା ଏବଂ ଅନେକ କାର୍ଯ୍ୟ ବାକି ରହିଛି। କାମ ସମ୍ପନ୍ନ ପରେ ଅଭିଯୋଗ ହେଲେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।



ରାସ୍ତା କଡରେ ଜେସିବି ଲଗାଇ ଡ୍ରେନ୍ ଖୋଳାଯାଉଛି।




ସାପୁଆ ସାଂରକ୍ଷିତ ଜଙ୍ଗଲ ମଧ୍ୟରେ ଯାଇଥିବା ରାସ୍ତାର କାମ ଚାଲିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଶ୍ୱଜିତ



@ ଦିଭେଶ



@ ମାମାଲି



@ ନିଖିଳ



@ କୃଷ୍ଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

